ଧରିତ୍ରୀ
DHARITRI
ବ୍ରହ୍ମପୁର, ରବିବାର ୬ ଫେବୃୟାରୀ, ୨୦୨୨

## ୫ ପରିବାରର ୧୦ ବଖରା ଜଳିଗଲା

ଶେରଗଡ଼, (ଡି.ଏନ୍.ଏ.)-ଶେରଗଡ ବ୍ଲକ ଗୋବିନ୍ଦପୁର ଗ୍ରାମରେ ଶନିବାର ବିଦ୍ୟୁତ୍ ଶଟସର୍କଟ ଯୋଗୁ ଅଗ୍ନିକାଣ୍ଡ ଘଟି ୫ ପରିବାରର ୧୦ ବଖରା ଘର ଜଳିଯାଇଛି। କ୍ଷତିଗ୍ରସ୍ତମାନେ ହେଲେ ସୁବା ଗୌଡ଼, ବାସୁ ଗୌଡ଼, ଯୋଗା ଗୌଡ଼, ଗାନ୍ଧି ଗୌଡ଼ ଓ ନାରସୁ ମହାଙ୍କୁଡ଼। ଅଗ୍ନିକାଣ୍ଡରେ ବହୁ ମୂଲ୍ୟବାନ ଜିନିଷ ପୋଡ଼ିଯାଇଛି। ହିଞ୍ଜିଳି ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। ଖବର ପାଇ ଶେରଗଡ଼ ତହସିଲଦାର ଡ. ଦୟାସିନ୍ଧୁ ପରିଡ଼ା, ଥାନାଧିକାରୀ ମନୋଜ କୁମାର ପ୍ରଧାନ ଓ ରାଜସ୍ୱ ନିରୀକ୍ଷକ ପହଞ୍ଚି କ୍ଷତି ଆକଳନ କରି ଫେରିଛନ୍ତି। କ୍ଷୟକ୍ଷତି ଆକଳନ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ତେଲଙ୍ଗାନାରେ ଓଡ଼ିଆ ଦାଦନ ଶ୍ରମିକ ମୃତ

ପାତ୍ରପୁର,୫।୨(ଡି.ଏନ୍.ଏ.): ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ଜରଡ଼ା ଗୌଡ଼ ସାହିର ପୂର୍ଣ୍ଣଚନ୍ଦ୍ର ଗୌଡ଼ (୫୧) ତେଲଙ୍ଗାନାରେ ଶୁକ୍ରବାର ମୃତ୍ୟୁବରଣ କରିଛନ୍ତି। ପୂର୍ଣ୍ଣ ତେଲଙ୍ଗାନାର ନାଲକଣ୍ଡା ଜିଲା ବିଷ୍ଣୁପୁରମ୍ ଗ୍ରାମର ଏକ କମ୍ପାନୀରେ କାମ କରୁଥିଲେ। ଶୁକ୍ରବାର ସନ୍ଦେହଜନକ ଭାବେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଶରୀରକୁ କମ୍ପାନୀ ଏକ ଆମ୍ବୁଲାନ୍ସ ଯୋଗେ ଶନିବାର ଜରଡ଼ା ଆଣିଥିବା ବେଳେ ଗ୍ରାମରେ ଉତ୍ତେଜନା ଦେଖାଯାଇଥିଲା। ପରେ କମ୍ପାନୀର ପ୍ରେରିତ ଠିକାଦାର ଆର୍ଥିକ ସହାୟତା ପାଇଁ ପ୍ରତିଶ୍ରୁତି ଦେବାପରେ ମୃତଦେହ ସତ୍କାର କରାଯାଇଥିଲା।

### କରୋନାରେ ଛାତ୍ରୀଙ୍କ ମୃତ୍ୟୁ

ଦାରିଙ୍ଗବାଡ଼ି,୫।୨(ଡି.ଏନ୍.ଏ.): ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଶନିବାର କରୋନାରେ ଜଣଙ୍କର ମୃତ୍ୟୁ ହୋଇଛି । ଏହା ତୃତୀୟ ଲହରର ପ୍ରଥମ । ମୃତକ ଦଶମ ଶ୍ରେଣୀର ଛାତ୍ରୀ ବୋଲି ଜଣାପଡ଼ିଛି। ସେ ଗତ କିଛି ଦିନ ହେଲା ରକ୍ତହୀନତା ସହିତ ଏକାଧିକ ରୋଗରେ ଆକ୍ରାନ୍ତ ହେବା ସହ କରୋନାରେ ପୀଡ଼ିତ ଥିଲେ। ତାଙ୍କୁ ପ୍ରଥମେ ଦାରିଙ୍ଗବାଡ଼ି ଏବଂ ପରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀନରେ ରହିଥିବା କୋଭିଡ କେୟାରରେ ଚିକିତ୍ସା କରାଯାଉଥିଲା। ତାଙ୍କ ମୃତ୍ୟୁ ପରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କୋଭିଡ ଗାଇଡ୍‌ଲାଇନ ଅନୁସାରେ ଦାରିଙ୍ଗବାଡ଼ି ଅଣାଯାଇ ସ୍ଥାନୀୟ ବିଡିଓ ଗଦାଧର ପାତ୍ର, ତହସିଲଦାର ଚାର୍ଲସ ନାୟକ, ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ, ପୋଲିସ ଏବଂ ମୃତକଙ୍କ ପରିବାର ଉପସ୍ଥିତିରେ ମଶାଣିରେ ଶେଷକୃତ୍ୟ କରାଯାଇଛି ।

### ଜିଲା ପରିଷଦ ଆସନରେ ତ୍ରିମୁଖୀ ଲଢ଼େଇ
### ବିଜେଡିକୁ କଣ୍ଟା ବିଜେଡି

ଗଞ୍ଜାମ,୫।୨(ଡି.ଏନ୍.ଏ.): ଆସନ୍ତା ୨୦ ତାରିଖରେ ଗଞ୍ଜାମ ବ୍ଲକରେ ହେବ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଚାଲିଛି ମାରାଥନ୍ ପ୍ରଚାର। ଏହି ବ୍ଲକ ଅଧୀନରେ ରହିଛି ଦୁଇଟି ଜିଲାପରିଷଦ ଆସନ, ଯଥା ୧୪ ଓ ୧୫ ଜୋନ। ଏହି ଦୁଇଟି ଜିଲା ପରିଷଦ ଆସନ ମଧ୍ୟରୁ ୧୫ ନମ୍ବର ଜୋନରେ ଗତ ନିର୍ବାଚନରେ ଦଳୀୟ ନେତାଙ୍କ ଭୁଲ ବୁଝାମଣା ଯୋଗୁ ଏହି ଆସନଟି ଭାଜପା ହାତକୁ ଚାଲିଯାଇଥିଲା। ଚଳିତ ନିର୍ବାଚନରେ ମଧ୍ୟ ବିଜେଡିକୁ ବିଜେଡି କଣ୍ଟା ସାଜିବ ବୋଲି ସହରରେ ଚର୍ଚ୍ଚା ଜୋର ଧରିଛି। ଏହି ଜିଲା ପରିଷଦ ଜୋନ୍‌ରେ ୭ ପଞ୍ଚାୟତ ରହିଛି। ସେଥିରୁ କାଇଁଚପୁର ପଞ୍ଚାୟତର ସନାତନ ବେହେରାଙ୍କୁ ଜିଲା ପରିଷଦ ପ୍ରାର୍ଥୀ ଭାବେ ଚୟନ କରିଛି ଦଳ। ଉକ୍ତ ପଞ୍ଚାୟତର କିଛି ଅସନ୍ତୁଷ୍ଟ ବିଜେଡି ନେତା ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ହିଁ ଅଡୁଆରେ ପକାଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଅନ୍ୟପଟେ ୧୪ ନମ୍ବର ଜୋନର ଚିତ୍ର ସ୍ପଷ୍ଟ ଥିବା ଆଲୋଚନା ହେଉଛି। ଭୋଟ ଗଣତି ପରେ ତାହା ଜଣାପଡିବ।

### ବିଜେଡି କର୍ମୀ ସମ୍ମିଳନୀ

ଚକାପାଦ,୫।୨(ଡି.ଏନ୍.ଏ.):ଚକାପାଦ ବ୍ଲକ ଅନ୍ତର୍ଗତ ଚକାପାଦ ବନବାସୀ କଲ୍ୟାଣ ଆଶ୍ରମ ନିକଟରେ ଥିବା ଶାଳ ବଣିଆଠାରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧକ୍ଷତାରେ ଶନିବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଚକାପାଦ ବ୍ଲକର ୬ନମ୍ବର ଜୋନର ବିଜେଡି ଜିଲା ପରିଷଦ ପାର୍ଥିନି ମମତା ରାଣୀ ବେହେରାଙ୍କୁ ବିପୁଳ ଭୋଟ ଦେଇ ଜିତେଇ ଆଣିବା ପାଇଁ ସମସ୍ତ କର୍ମୀଙ୍କୁ ସୂଚନା ଦେଇଥିଲେ। ଗୋଟିଏ ଦିନରେ ଚକାପାଦ, ପସରା, ବ୍ରାହ୍ମଣ ପାଦ ତିନୋଟି ପଞ୍ଚାୟତରେ ବୈଠକ ଅନୁଷ୍ଠିତ ହୋଯାଇଛି। ଏହି କର୍ମୀ ସମ୍ମିଳନୀରେ ଚକାପାଦ ବ୍ଲକର ଶତାଧିକ କର୍ମୀ ଯୋଗ ଦେଇଥିଲେ। ବ୍ଲକ ସଭାପତି ରାଜେଶ ଦିଗାଲ, ବ୍ଲକ ଅଧକ୍ଷ ପ୍ରଭଞ୍ଜନ କହଁର, ବିଜେଡି ଜିଲା ସଭାପତି, ସରୋଜ କର୍ଣ୍ଣ, ଜିଲା ସମ୍ପାଦିକା ବୈନେତ୍ରି କହଁର, ଯୋଗ ଦେଇଥିଲେ।

### କାଶୀନଗର: ୨୯ ବୁଥ୍ ସମ୍ବେଦନଶୀଳ

କାଶୀନଗର,୫।୨(ଡି.ଏନ୍.ଏ.):କାଶୀନଗର ବ୍ଲକ ଅନ୍ତର୍ଗତ ୧୨ଟି ପଞ୍ଚାୟତର ୧୬୦ଟି ୱାର୍ଡ। ସମସ୍ତ ୱାର୍ଡରେ ଗୋଟିଏ ଲେଖାଏ ବୁଥ୍ ଆୟୋଜିତ ହୋଇଛି। ଏହି ବୁଥଗୁଡ଼ିକରେ ୱାର୍ଡସଭ୍ୟ, ସରପଞ୍ଚ, ସମିତି ସଭ୍ୟଙ୍କ ସହ ଦଳୀୟ ଚିହ୍ନରେ ଜିଲା ପରିଷଦ ସଦସ୍ୟଙ୍କ ନିମନ୍ତେ ମତଦାନ ଭୋଟରମାନେ କରିବେ। ବ୍ଲକର ୧୬୦ ବୁଥ ମଧ୍ୟରୁ ୨୯ ସମ୍ବେଦନଶୀଳ ବୁଥ ଚିହ୍ନଟ ହୋଇଛି। ଏହି ବୁଥଗୁଡ଼ିକର ଶାନ୍ତି ଶୃଙ୍ଖଳା ମତଦାନ ନିମନ୍ତେ ପୋଲିସ ଫ୍ଲାଗମାର୍ଚ୍ଚ କରାଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତ ପ୍ରଥମଥର ଭାବେ ଗୋଟିଏ ମହିଳା ବୁଥ ଖୁରିଗାଁରେ ହେଉଛି। ଅନ୍ୟ ଗୋଟିଏ ବୁଥରେ ଅଧା ମହିଳା କର୍ମଚାରୀ ରହି ବୁଥ ପରିଚାଳନା ହେବା ନେଇ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ସୂଚନା ଦେଇଛନ୍ତି।

# ପଞ୍ଚାୟତ ନିର୍ବାଚନରେ ରାଜନୈତିକ ପରିବାର

**ଫୁଲବାଣୀ ଅଫିସ, ୫।୨**

କନ୍ଧମାଳ ଜିଲାରେ ଜିଲାରେ ବହୁ ବର୍ଷ ଧରି ରାଜନୀତି କରି ଆସୁଥିବା ପରିବାର ଚଳିତ ପଞ୍ଚାୟତ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ଗତ ସାଧାରଣ ନିର୍ବାଚନରେ ୨ ଜଣ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିଥିଲେ ମଧ୍ୟ ଏଥର ସେମାନଙ୍କ ମଧ୍ୟରୁ ଜଣେ ଜିଲା ପରିଷଦ ଏବଂ ଅନ୍ୟ ଜଣେ ସମିତି ସଭ୍ୟରେ ପ୍ରାର୍ଥୀ ହୋଇଛନ୍ତି। ସେହିପରି ଜିଲାରେ ପୂର୍ବରୁ ଥିବା ଏମ୍‌ପି, ମନ୍ତ୍ରୀମାନଙ୍କ ପରିବାରର ସଦସ୍ୟମାନେ ମଧ୍ୟ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ଅଧିକାଂଶ ବ୍ଲକ ଅଧକ୍ଷ ପଦବୀ ଉପରେ ନଜର ରଖିଛନ୍ତି।

**ଦୁଇ ବିଧାୟକ ପ୍ରାର୍ଥୀ ସମିତିସଭ୍ୟ, ଜିଲା ପରିଷଦରେ**

ବିଗତ ଦୁଇଟି ସାଧାରଣ ନିର୍ବାଚନରେ ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ଭାଜପାରୁ ପ୍ରାର୍ଥୀ ହୋଇ ଦେବନାରାୟଣ ପ୍ରଧାନ ନିର୍ବାଚନ ଲଢ଼ିଥିଲେ। ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କ ପାଖରୁ ହାରିଯାଇଥିଲେ। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସେ କେରେଡି ପଞ୍ଚାୟତରେ ସମିତି ସଭ୍ୟ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ସେହିପରି ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀରେ ଗତ ସାଧାରଣ ନିର୍ବାଚନରେ ଭାଜପା ପକ୍ଷରୁ ଅର୍ଚ୍ଚନା ପ୍ରଧାନ ବିଧାୟିକା ପ୍ରାର୍ଥୀ ହୋଇଥିଲେ । ସେ ନିର୍ବାଚନରେ ହାରି ଯାଇଥିଲେ । ଏଥର ସେ ଦାରିଙ୍ଗବାଡି ଜିଲା ପରିଷଦ ଜୋନରେ ନିର୍ବାଚନ ଲଢୁଛନ୍ତି । ଜିଲା ପରିଷଦ ଅଧକ୍ଷ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ସେ ଏହା ଉପରେ ନଜର ରଖିଛନ୍ତି ।

**ପୂର୍ବତନ ଏମ୍‌ପିଙ୍କ ଝିଅ ସରପଞ୍ଚ ପ୍ରାର୍ଥୀ**

ଫୁଲବାଣୀ ବ୍ଲକ ମିଣିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ମାଳତୀ ପ୍ରଧାନ ଏଥର ପୁଣି ସରପଞ୍ଚ ପ୍ରାର୍ଥୀ ଭାବେ ଠିଆ ହୋଇଛନ୍ତି। ଫୁଲବାଣୀର ପ୍ରଥମ ଲୋକ ସଭା ସଦସ୍ୟ ବିଜୟ ଚନ୍ଦ୍ର ପ୍ରଧାନଙ୍କ ଝିଅ ହେଉଛନ୍ତି ମାଳତୀ। ସ୍ୱର୍ଗତ ପ୍ରଧାନ ଗଣତନ୍ତ୍ର ପରିଷଦର ପ୍ରାର୍ଥୀ ଭାବେ ବିଜୟୀ ହୋଇ ୧୯୫୨ରୁ ୫୭ ଯାଏ ଫୁଲବାଣୀ ଏମ୍‌ପି ରହିଥିଲେ । ପିତାଙ୍କ ପଦାଙ୍କ ଅନୁସରଣ କରି ମାଳତୀ ମଧ୍ୟ ରାଜନୀତିକୁ ଆପଣେଇ ନେଇଛନ୍ତି। ଗତ ଦୁଇଟି ନିର୍ବାଚନରେ ବିଜୟୀ ହୋଇ ମାଳତି ମିଣିଆ ପଞ୍ଚାୟତର ସରପଞ୍ଚ ରହି ସାରିଛନ୍ତି। ଏଥରକ ହାଟ୍ରିକ ଲକ୍ଷ୍ୟରେ ଅଛନ୍ତି।

**ପୂର୍ବତନ ଏମ୍‌ପିଙ୍କ ବୋହୂ ଜିଲା ପରିଷଦ ପ୍ରାର୍ଥୀ**

ଫୁଲବାଣୀର ପୂର୍ବତନ ଏମ୍‌ପି ଶ୍ରୀବତ୍ସ ଦିଗାଲଙ୍କ ପୁତ୍ରବଧୂ ହେଉଛନ୍ତି ମମତାରାଣୀ ବେହେରା । ସେ ଚଳିତ ନିର୍ବାଚନରେ ୬ ନଂ. ଜିଲା ପରିଷଦ ଜୋନ ଚକାପାଦରେ ବିଜେଡି ପକ୍ଷରୁ ଟିକେଟ ପାଇ ନିର୍ବାଚନ ଲଢୁଛନ୍ତି ।

**ପରିବହନ ମନ୍ତ୍ରୀଙ୍କ ଭାଇବୋହୂ ସମିତି ସଭ୍ୟ ପ୍ରାର୍ଥୀ**

କନ୍ଧମାଳ ଜିଲା ରାଜନୀତିରେ ରାଜ୍ୟ ମନ୍ତ୍ରିମଣ୍ଡଳର ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ବହୁ ଗୁରୁତ୍ୱ ରହିଛି । ପୂର୍ବରୁ ପଦ୍ମନାଭଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ବି ରାଜ୍ୟରେ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଭାବେ ସ୍ଥାନ ପାଇ ସାରିଛନ୍ତି। ଏହି ବ୍ଲକର ନୂଆପଦର ସମିତି ସଭ୍ୟ ପଦବୀ ପାଇଁ ନିର୍ବାଚନକୁ ଓହ୍ଲାଇଛନ୍ତି ତାଙ୍କ ଭାଇବୋହୂ ମୀନା କୁମାରୀ ବେହେରା। ଏହି ପରିବାରର ରାଜନୀତି ସହ ଦୀର୍ଘଦିନର ସମ୍ପୃକ୍ତି ଥିଲେ ବି ସକ୍ରିୟ ରାଜନୀତିରେ ନୂଆ କରି ସେ ପାଦ ଦେଇଛନ୍ତି।

## ବିଜେଡିର ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

**ଆର.ଉଦୟଗିରି, ୫।୨(ଡି.ଏନ.ଏ.)**



କର୍ମୀ ତରଫରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ବିଜେଡିର ଏକ ବୈଠକକୁ ନେଇ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ କରିଛି ଭାଜପା। ଗଜପତି ଜିଲା ମୋହନା ବ୍ଲକ କରଚାବାଡି ପଞ୍ଚାୟତ କାର୍ଯ୍ୟାଳୟରେ ମୋହନା ୯ନମ୍ବର ଜୋନ୍‌ର ବିଜେଡିର ଜିଲା ପରିଷଦ ପ୍ରାର୍ଥୀ ଚନ୍ଦ୍ରକାନ୍ତ ମଳିକ ଏବଂ ତାଙ୍କ ସହଯୋଗୀ ଦଣ୍ଡାସୀ ସାହୁ, ଜିଲା ପ୍ରଭାରୀ ଜଗଦୀଶ ରାଓ ଓ ଦଳୀୟ କର୍ମୀ ଏକ ଦଳୀୟ ବୈଠକ କରିଥିଲେ ; ଯାହା କି ବିଜେଡି ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଛି ବୋଲି ଅଭିଯୋଗ ମୋହନା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କଠାରେ ହୋଇଛି। କରଚାବାଡି ପଞ୍ଚାୟତ ନିର୍ବାହୀ ଅଧିକାରୀ ସୋମେଶ୍ୱର ପରିଚ୍ଛାଙ୍କ ଅଜାଣତରେ ପିଅନ ମନୋରଞ୍ଜନ ନାୟକଙ୍କ ଉପସ୍ଥିତିରେ ତାଲା ଖୋଲି କିପରି ଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା ବୋଲି ଭାଜପା ପ୍ରଶ୍ନ କରିଛି। ତେଣୁ ଏହାର ତୁରନ୍ତ ତଦନ୍ତ କରି ପିଅନ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଚନ୍ଦ୍ରକାନ୍ତ ମଳିକ ଓ ସହଯୋଗୀଙ୍କ ଉପରେ ଓଡ଼ିଶା ନିର୍ବାଚନ କମିଶନରଙ୍କ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବା ପାଇଁ ମୋହନା ବ୍ଲକ ଭାଜପା କାର୍ଯ୍ୟକର୍ତ୍ତା ମନୋଜ କୁମାର ସାହୁ, ସୁଧୀର ପାଇକ, ସତ୍ୟ ଦଣ୍ଡସେନା, ପ୍ରଭାତ କୁମାର ପାତ୍ର ପ୍ରମୁଖ ଅନୁରୋଧ କରିଛନ୍ତି। ଏ ନେଇ ଜିଲା ନିର୍ବାଚନ ଅଧିକାରୀଙ୍କୁ ମଧ୍ୟ ପତ୍ର ମାଧ୍ୟମରେ ଅଭିଯୋଗ କରିଥିବା ଜଣାଇଛନ୍ତି ଭାଜପା କର୍ମକର୍ତ୍ତା ଗଣ।

# ଖତ ଖାଉଛି ସୋଲାର ଶୁଖୁଆ ପ୍ଲାଣ୍ଟ

**ଛତ୍ରପୁର,୫।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାର ବିଶେଷ କରି ସମୁଦ୍ର କୂଳବର୍ତ୍ତୀ ଗାଁ ନିକଟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ମିତ ହୋଇଥିବା ସୋଲାର ଶୁଖୁଆ ପ୍ଲାଣ୍ଟ ଏବେ ଖତଖାଉଛି। ରକ୍ଷଣାବେକ୍ଷଣ ଅଭାବ ଓ ଠିକ୍ ଜାଗାରେ ଏହା ନିର୍ମାଣ କରାଯାଇ ନ ଥିବାରୁ ଏଗୁଡିକ ବ୍ୟବହାର ନ ହୋଇ ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି । ଗତ ୧୦ ବର୍ଷ ପୂର୍ବେ ମତ୍ସ୍ୟଜୀବୀମାନଙ୍କ ସୁବିଧା ପାଇଁ ଏହି ପ୍ଲାଣ୍ଟ ନିର୍ମାଣ କରାଯାଇଥିଲା। କଞ୍ଚା ମାଛକୁ ସିଧାସଳଖ ମେସିନରେ ଶୁଖାଇ ଭିନ୍ନ କିସମର ଶୁଖୁଆ କରିବା ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଏହାର ଦାୟିତ୍ୱ ଦିଆଯାଇଥିଲା । ମାତ୍ର ନିର୍ମାଣର କିଛିଦିନ ଚାଲିବା ପରେ ଆଉ ବ୍ୟବହାର ଉପଯୋଗୀ ହେଲା ନାହିଁ । ଏହି ପ୍ରୋଜେକ୍ଟଗୁଡିକ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ମାଣ କରାଯାଇଥିଲେ ହେଁ



ସୋଲାର ଶୁଖୁଆ ପ୍ଲାଣ୍ଟ ।

ଏଗୁଡିକ ଖତ ଖାଇ ମାଟିରେ ମିଶିବାକୁ ବସିଲାଣି । ତେବେ ଏହି ପ୍ଲାଣ୍ଟ ନିର୍ମାଣ ହେବା ପରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ଦାୟିତ୍ୱ ଦିଆଯାଇଥିବା ବେଳେ ଆବଶ୍ୟକ ପ୍ରଶିକ୍ଷଣ ଅଭାବ ଏବଂ କ୍ଷତିରେ ଚାଲିବାରୁ ମହିଳା ଗୋଷ୍ଠୀଗୁଡିକ ଏହାର କାମ ବନ୍ଦ କରିଦେଇଥିଲେ । ପରବର୍ତ୍ତୀ ସମୟରେ ଫାଇଲିନ ଯୋଗୁ ଉପରେ ଥିବା ସୋଲାର ଶେଡ୍‌ଗୁଡିକ ପବନରେ ଭାଙ୍ଗି ଯାଇଥିଲା । ତା'ପରଠାରୁ ପୁନରୁଦ୍ଧାର ହୋଇଛି ନା କୌଣସି ତଦାରଖ କରାଯାଇଛି ସେବେଠୁ ଏମିତି ଅବହେଳିତ ଅବସ୍ଥାରେ ପ୍ଲାଣ୍ଟଟି ପଡି ରହିଛି । ଏବେ ମତ୍ସ୍ୟଜୀବୀମାନେ ସମୁଦ୍ର ବେଳାଭୂମିରେ ମାଛ ଶୁଖାଇ ଶୁଖୁଆ ପ୍ରସ୍ତୁତ କରୁଛନ୍ତି। ଏଗୁଡିକର ପୁନଃନିର୍ମାଣ କରାଯାଇ ସମୁଦ୍ର ନିକଟରେ ସ୍ଥାପନ କରିବାକୁ ସ୍ଥାନୀୟ ମତ୍ସ୍ୟଜୀବୀ ଦାବି କରିଛନ୍ତି ।

## ଲୋକଙ୍କ ସମସ୍ୟା ନେଇ ଏସ୍‌ପିଙ୍କ ଆଲୋଚନା

**ଚିକିଟି, ୫।୨(ଡି.ଏନ.ଏ.)**

ବ୍ରହ୍ମପୁର ଏସ୍‌ପି ପିନାକୀ ମିଶ୍ର ଶନିବାର ବ୍ରହ୍ମପୁର ପୋଲିସ୍ ଜିଲା ଅନ୍ତର୍ଗତ କେ.ନୂଆଗାଁ ଥାନା ଇଲାକାରେ ଥିବା ବିଭିନ୍ନ ଗ୍ରାମକୁ ଯାଇ ପରିଦର୍ଶନ କରିଛନ୍ତି। ଚିକିଟି, ଧାନଘର, ଦେଓଖାଳି, ବମକେଇ, ଚାନ୍ଦପୁର, ଗୌଡଗାଁ, ଟିକରପଡା, ଭ୍ରମରପୁର ଆଦି ବିଭିନ୍ନ ଗ୍ରାମ ବୁଲି ଲୋକମାନଙ୍କ ବିଭିନ୍ନ ସମସ୍ୟା ଉପରେ ବୁଝି ଏହାର ସମାଧାନ କରିବା ସହିତ କିପରି ଶାନ୍ତିଶୃଙ୍ଖଳାରେ ମତଦାନ କରିବେ ସେ ନେଇ ସଚେତନତା କରାଇଥିଲେ। ଚିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭଞ୍ଜ, କେ. ନୂଆଗାଁ ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ, ନୂଆପଡ଼ା ଓ ଚିକିଟି ଫାଣ୍ଡି ଅଧିକାରୀ ରାମଶଙ୍କର ବେହେରା ଓ ବିଜୟ କୁମାର ପ୍ରଧାନ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ: ପରିବାରକୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଆସିକା,୫।୨(ଡି.ଏନ.ଏ)**

ଆସିକା ଥାନା ଇଲାକାରେ ଜଣେ କଲେଜ ପଢୁଆ ନାବାଳିକାଙ୍କୁ ରିତିମତ ଅଶ୍ଳୀଳ ଇଙ୍ଗିତ ଦେବା ଓ ଏହାର ପ୍ରତିବାଦ କରିବାରୁ ନାବାଳିକାଙ୍କ ମା'ଓ ଭାଇଙ୍କୁ ଛୁରାରେ ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଆସିକା ଥାନା ଇଲାକାର ରାଜେନ୍ଦ୍ର ସାହୁ। ନାବାଳିକାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୬୯/୨୨ରେ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ଶନିବାର ବ୍ରହ୍ମପୁରସ୍ଥିତ ପୋକ୍‌ସୋ ଅଦାଲତରେ ହାଜର କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଯୁକ୍ତ୨ ଶ୍ରେଣୀରେ ଅଧ୍ୟୟନରତ ନାବାଳିକାଙ୍କ ରିତିମତ କଲେଜ ଓ ଟିଉସନ ଯିବା ସମୟରେ ଅଭିଯୁକ୍ତ ଜଣକ ପିଛା କରି ଅଶ୍ଳୀଳ ଇଙ୍ଗିତ କରୁଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୁକ୍ତଙ୍କ ପରିବାରକୁ ଜଣାଯାଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ନାବାଳିକାଙ୍କ ମା' ଓ ଭାଇଙ୍କୁ ଛୁରାରେ ଆକ୍ରମଣ କରିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡମେଡିକାଲରେ ଭର୍ତ୍ତି କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ଜିଲା ପରିଷଦ ପ୍ରାର୍ଥୀ ଘରକୁ ଘର ବୁଲି କରୁଛନ୍ତି ପ୍ରଚାର



ବିଜେଡି ପ୍ରାର୍ଥିନୀ ଶୈଳବାଳା ଦୁର୍ଗାପ୍ରସାଦରେ ପ୍ରଚାର କରୁଛନ୍ତି ।

**ଭଞ୍ଜନଗର,୫।୨(ଡି.ଏନ.ଏ.):** ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳର ବଡ଼ ବଡ଼ ନେତାମାନେ ବର୍ତ୍ତମାନ ସୁଦ୍ଧା ନିର୍ବାଚନ ମଇଦାନକୁ ଓହ୍ଲାଇ ନାହାନ୍ତି। ଦଳୀୟ ପାଣ୍ଠି ମଧ୍ୟ ଆସି ପହଞ୍ଚିନି, ତେଣୁ ପ୍ରଚାର ଜମି ପାରିନାହିଁ। ଶାସକ ଦଳର ହାତଗଣତି କିଛି ପ୍ରାର୍ଥୀଙ୍କୁ ଅର୍ଥ ଚିନ୍ତା ଘାରିଥିବା ବେଳେ ବିରୋଧୀ ଦଳଗୁଡ଼ିକର ଅଧିକାଂଶ ପ୍ରାର୍ଥୀଙ୍କୁ ଅର୍ଥ ଚିନ୍ତା ଘାରିଛି। ତେଣୁ ପ୍ରାର୍ଥୀ ବର୍ତ୍ତମାନ ଦଳୀୟ ପାଣ୍ଠିକୁ ଚାହିଁ ବସିଛନ୍ତି। ଟଙ୍କା ଆସିଲେ ପ୍ରଚାର ଜୋରଦାର କରିବୁ, ନ ହେଲେ ଏମିତି କାମଚଳା ଲକ୍ଷ୍ୟରେ କେତେକ ପ୍ରାର୍ଥୀ ଅଛନ୍ତି । ଭଞ୍ଜନଗର ବ୍ଲକରେ ୫୦, ୫୧ ଓ ୫୨ ନମ୍ବର ଜିଲା ପରିଷଦ ଜୋନ୍ ଅଛି । ଉକ୍ତ ୩ ଜୋନ୍‌ରେ ୧୧ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ୫୦ ଜୋନରୁ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଶୈଳବାଳା ବିଷୋୟୀ, ୫୧ଜୋନ୍‌ରୁ ବ୍ଲକ ଉପାଧକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ୫୨ନଂ. ଜୋନରୁ ଭାଗ୍ୟଲତା ସେଠୀ ବିଜେଡିରୁ ପ୍ରାର୍ଥୀ ହୋଇଥିବା ବେଳେ ସେମାନେ ବର୍ତ୍ତମାନ ପ୍ରଚାର ଜୋରଦାର କରିଛନ୍ତି। ଶନିବାର ଶୈଳବାଳା ଦଦରାଲୁଣ୍ଡା ଏବଂ ବଡ଼କୋଦଣ୍ଡା ପଞ୍ଚାୟତରେ ପ୍ରଚାର କରିଛନ୍ତି। ସେହିଭଳି ଜିତେନ୍ଦ୍ର ଜିଲୁଣ୍ଡି ପଞ୍ଚାୟତରେ ପ୍ରଚାର କରିଛନ୍ତି। ବିରୋଧୀ ପ୍ରାର୍ଥୀମାନେ ମଧ୍ୟ ବିଭିନ୍ନ ସ୍ଥାନରେ ପ୍ରଚାର କରିଛନ୍ତି। ଜିଲା ପରିଷଦ ପ୍ରାର୍ଥୀମାନେ ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡମେମ୍ବର ପ୍ରାର୍ଥୀଙ୍କୁ ଧରି ପ୍ରଚାର କରୁଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ୫୦ଜୋନ୍‌ରୁ ଭାଜପାର ସସ୍ମିତା ବେହେରା, କଂଗ୍ରେସର ସୁଲତା କୁମାରୀ ପାଣିଗ୍ରାହୀ, ୫୧ଜୋନ୍‌ରୁ ଆପ୍‌ରୁ ଅନିଲ ସେଠୀ, ଭାଜପାର ରବୀନ୍ଦ୍ର କୁମାର ଗୌଡ଼, କଂଗ୍ରେସର ସନ୍ତୋଷ ଗୌଡ଼, ସ୍ୱାଧୀନପ୍ରାର୍ଥୀ ରମେଶ ଚନ୍ଦ୍ର ସାହୁ, ୫୨ରୁ ଭାଜପାର କାମିନୀବାଳା ସେଠୀ ଓ କଂଗ୍ରେସରୁ ସାଗରି ନାୟକ ନିଜ ନିଜ ସମର୍ଥକମାନଙ୍କୁ ନେଇ ପ୍ରଚାର ଚଳାଇଛନ୍ତି।

# ଦିଗପହଣ୍ଡିରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା: ପ୍ରଚାରରେ ବିଜେଡି ଆଗୁଆ

**ଦିଗପହଣ୍ଡି,୫।୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକର ୨୭ ନଂ ପଦ୍ମନାଭପୁର ଜିଲା ପରିଷଦ ଜୋନରେ ବିଜେଡି, ଭାଜପା ଏବଂ କଂଗ୍ରେସ ଦଳ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ଏହି ଜୋନ ଅଧୀନରେ କଇଠଖଣ୍ଡି, କଇଠଡା, କରପଡା, ପଦ୍ମନାଭପୁର ଏବଂ ବଡଗୁମୁଳା ପଞ୍ଚାୟତ ରହିଥିବା ବେଳେ ମୋଟ ଭୋଟରଙ୍କ ସଂଖ୍ୟା ୩୧,୩୫୬ ରହିଛି। ଏଠାରେ ବିଜେଡି ପକ୍ଷରୁ କରପଡା ପଞ୍ଚାୟତର ପୂର୍ବତନ ସମିତିସଭ୍ୟା ସଂଯୁକ୍ତା କବିଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ଭାଜପା ପକ୍ଷରୁ କଇଠଖଣ୍ଡି ପଞ୍ଚାୟତର ପୂର୍ବତନ ସମିତିସଭ୍ୟା ଝିଲି ଗୌଡ ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସ କଇଠଡା ପଞ୍ଚାୟତରୁ ନୂଆ ଚେହେରା ଟି .ସସ୍ମିତାଙ୍କୁ ପ୍ରାର୍ଥୀ କରିଛି। ଏଠାରେ ମୁଖ୍ୟତଃ ଲଢେଇ ବିଜେଡି ଏବଂ ଭାଜପା ମଧ୍ୟରେ ହେବାକୁ ଯାଉଥିବା ବେଳେ କଂଗ୍ରେସ ପ୍ରାର୍ଥୀ ସସ୍ମିତା ନିର୍ଣ୍ଣାୟକ ହେବେ ବୋଲି ଆଲୋଚନା ହେଉଛି। ବିଜେଡି ପ୍ରାର୍ଥୀ ସଂଯୁକ୍ତା ପୂର୍ବରୁ ସମିତିସଭ୍ୟା ଭାବେ ନିର୍ବାଚିତ ହୋଇ କରପଡା ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରି ଆସିଛନ୍ତି। ତାଙ୍କର ପ୍ରଚାର ଶୈଳୀ ଭୋଟରଙ୍କୁ ଆକୃଷ୍ଟ କରିବା କ୍ଷମତା ରହିଛି। ସେ ଜଣେ ଉଚ୍ଚ ଶିକ୍ଷିତା ହୋଇଥିବାରୁ ଶିକ୍ଷିତ ବର୍ଗ ତାଙ୍କ ପ୍ରତି ସମର୍ଥନ କରୁଥିବା ଦେଖିବାକୁ ମିଳିଛି। ବିଜେଡି ପ୍ରଚାରରେ ଆଗୁଆ ରହିଛି। ପ୍ରତି ଗାଁରେ ଶଙ୍ଖ ଚିହ୍ନ ପ୍ରତି ରହିଥିବା ଲୋକପ୍ରିୟତା ବିଜେଡିକୁ ଲଢେଇର ସର୍ବାଗ୍ରେ ରଖିବା ସମ୍ଭାବନା ରହିଛି। ବିଜେଡି ପ୍ରାର୍ଥୀ ସଂଯୁକ୍ତା ବାଚସ୍ପତି ଡ.ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ବିଭିନ୍ନ ପ୍ରକଳ୍ପ ବାବଦରେ ପ୍ରଚାର କରି ଭୋଟରଙ୍କ ପାଖରେ ପହଞ୍ଚି ଦଳୀୟ ଚିହ୍ନରେ ଭୋଟ ଦେବାକୁ ନିବେଦନ କରୁଛନ୍ତି। କଂଗ୍ରେସ ପ୍ରାର୍ଥୀ ସସ୍ମିତାଙ୍କ ପାଇଁ ଦିଗପହଣ୍ଡି କଂଗ୍ରେସର ଟାଣୁଆ ନେତା ପ୍ରଫୁଲ୍ଲ ପଣ୍ଡାଙ୍କ ସମେତ ସ୍ଥାନୀୟ ଦଳୀୟ ନେତୃବୃନ୍ଦ ପ୍ରଚାର ମଙ୍ଗ ଧରିଛନ୍ତି। ଏହି ଜୋନ୍‌ରେ କଂଗ୍ରେସର ସେପରି କୌଣସି ସଙ୍ଗଠନ ନଥିଲେ ମଧ୍ୟ ପଞ୍ଚାୟତ ସ୍ତରରେ ବିଭିନ୍ନ ଦୁର୍ନୀତି ଓ ସ୍ଥାନୀୟ ବିଜେଡି ନେତୃବୃନ୍ଦଙ୍କ ପ୍ରତି ଥିବା ଜନ ଅସନ୍ତୋଷର ଫାଇଦା ଆଶାରେ କଂଗ୍ରେସ ଭରସା କରିଛି। ସେହିପରି ଭାଜପାର ଅସଜଡା ସଙ୍ଗଠନ ସତ୍ତ୍ୱେ ପ୍ରାର୍ଥୀ ଝିଲି ଗୌଡ ଦଳୀୟ କର୍ମୀ ମାନଙ୍କୁ ସାଙ୍ଗରେ ନେଇ ଜନସମ୍ପର୍କ ସଭା ଜାରି ରଖିଛନ୍ତି। ତାଙ୍କ ସ୍ୱାମୀଙ୍କ କାର୍ଯ୍ୟ ଦକ୍ଷତା ଏବଂ ନିଜ ପଞ୍ଚାୟତ କଇଠଖଣ୍ଡି ସମେତ କରପଡା ଭଳି ଅନ୍ୟାନ୍ୟ ସମସ୍ତ ପଞ୍ଚାୟତରୁ ସେ ଆଖିଦୃଶିଆ ଭୋଟ ହାତେଇ ନେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ ଭାଜପାର କିଛି କର୍ମୀ ବର୍ତ୍ତମାନ ବିଜେଡ଼ି ମୁହାଁ ହୋଇଥିବାରୁ ଭୋଟ ଭିକ୍ଷା ସମୟରେ ନିଜ ଦଳୀୟ କର୍ମୀଙ୍କ ବିଭିନ୍ନ ପ୍ରଶ୍ନବାଣର ଶିକାର ହେବାକୁ ପଡୁଛି। ତେବେ ସମସ୍ତ ପଞ୍ଚାୟତରରେ ଦୃଷ୍ଟି ଦେଲେ ବିଜେଡିଠାରୁ ବିରୋଧୀ ଭାଜପା ଓ କଂଗ୍ରେସ ପ୍ରଚାର କାର୍ଯ୍ୟରେ ବହୁ ପଛରେ ପଡିଯାଇଥିବା ଲକ୍ଷ୍ୟ କରାଯାଇଛି।

## ନିର୍ଯାତନା ମାମଲାରେ ସ୍ୱାମୀ ଗିରଫ

**ଆସିକା,୫।୨(ଡି.ଏନ.ଏ)**

ଆସିକା ଥାନା ଝଗଡେଇ ଗ୍ରାମରୁ ପୋଲିସ ଶନିବାର ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରିଛି । ସେ ହେଲେ ସେହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନ। ଏ ନେଇ ଆସିକା ଥାନାରେ ନଂ. ୬୭/୨୨ରେ ଏକ ମାମଲା ରୁଜୁକରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ବୁଗୁଡା ଥାନା ଅଞ୍ଚଳରେ ପୂର୍ଣ୍ଣଚନ୍ଦ୍ରଙ୍କ ୨୦୧୫ରେ ବିବାହ ହୋଇଥିଲା। ବିବାହ ସମୟରେ ମହିଳାଙ୍କ ବାପ ଘର ପକ୍ଷରୁ ଜାନିଯୌତୁକ ଦିଆଯାଇଥିଲା। ଅଭିଯୁକ୍ତ ସ୍ୱାମୀ ବାହାରେ ଚାକିରି କରୁଥିଲା ବେଳେ ମହିଳା ଜଣକ ଶିକ୍ଷକତା କରୁଥିବାରୁ ଶାଶୁଘରେ ରହୁଥିଲେ। ଏତଦ୍ ପରିସ୍ଥିତିରେ ଶାଶୁଘର ପକ୍ଷରୁ ରିତିମତ ନିର୍ଯ୍ୟାତନା ଦିଆଯାଉଥିବା ସହ ତାଙ୍କର ଦରମା ଟଙ୍କା ମଧ୍ୟ ନେଇଯାଉଥିଲେ। ଗତ କିଛିଦିନ ପୂର୍ବେ ମହିଳାଙ୍କ ସ୍ୱାମୀ ତାଙ୍କୁ ବ୍ୟାଙ୍କ ଖାତା ମାଗି ମାରପିଟ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

# ଦାରିଙ୍ଗବାଡ଼ି: ଟିକାକରଣରେ ୧୫ ବର୍ଷରୁ ଊର୍ଦ୍ଧ୍ୱଙ୍କ ସଂଖ୍ୟା କମ୍

- ପ୍ରଥମ ଡୋଜ୍ ୧୦୨ ପ୍ରତିଶତ ସରିଛି
- ଦ୍ୱିତୀୟ ଡୋଜ୍ ମାତ୍ର ୪୬ ପ୍ରତିଶତରେ ସୀମିତ

**ଦାରିଙ୍ଗବାଡ଼ି,୫।୨**

କରୋନା ଭୂତାଣୁ ପ୍ରତିହତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସରକାରଙ୍କ ମାଗଣା ଟିକାକରଣ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି। ହେଲେ ଏହି ଟିକାକରଣରେ ୧୫ ବର୍ଷରୁ ୧୭ ବର୍ଷଙ୍କ ପାଇଁ ଯେଉଁ କୋଭିଡ୍ ଟିକାକରଣ ବ୍ୟବସ୍ଥା କରାଯାଇଛି, ତାହା ଜିଲାର ଦାରିଙ୍ଗବାଡ଼ି ବ୍ଲକରେ ସବୁଠାରୁ କମ୍ ପ୍ରତିଶତ ରହିଛି । ଏବେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକ ଖୋଲାଯିବାକୁ ରହିଥିବା ବେଳେ ଟିକାକରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇପାରିନଥିବା ବେଳେ ଏହା ଏକ ଚିନ୍ତାର କାରଣ ପାଲଟିଛି। ଏହି ଟିକାକରଣ କରାଯିବା ଆବଶ୍ୟକତା ଥିବାବେଳେ ସଚେତନତା ଅଭାବରୁ ଛାତ୍ରୀଛାତ୍ରଙ୍କୁ ଟିକାକରଣ ହୋଇପାରୁନଥିବା ସ୍ପଷ୍ଟ ଭାବେ ସରକାରୀ ରିପୋର୍ଟରୁ ଜଣାପଡ଼ିଛି। ତେବେ ବୟସ୍କମାନଙ୍କ ପାଇଁ ଯେଉଁ ଟିକାକରଣ ଟାର୍ଗେଟ ରହିଥିଲା, ତା'ଠାରୁ ଅଧିକ ସଫଳତାର ସହ ଟିକାକରଣ



ଦାରିଙ୍ଗବାଡ଼ି ଟିକାକରଣ କେନ୍ଦ୍ରରେ ଟିକା ଦିଆଯାଉଛି।

ହୋଇପାରିଛି। ରିପୋର୍ଟ ଅନୁସାରେ ଦାରିଙ୍ଗବାଡ଼ିର ମୋଟ ଜନସଂଖ୍ୟା ୧ ଲକ୍ଷ ୨୫ ହଜାର ୭୦୧। ସେମାନଙ୍କ ମଧ୍ୟରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ମୋଟ ୮୫ ହଜାର ୩୧୮ ଜଣଙ୍କୁ ଟିକାକରଣ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସେମାନଙ୍କ ମଧ୍ୟରୁ ୮୭ ହଜାର ୭୨ ଜଣଙ୍କୁ ପ୍ରଥମ ଡୋଜ୍ ଟିକାକରଣ କରାଯାଇଛି, ଯାହାକି ୧୦୨ ପ୍ରତିଶତ ସଫଳତାର ସହ ଦିଆଯାଇପାରିଛି । କିନ୍ତୁ ଦ୍ୱିତୀୟ ଡୋଜ୍ ଟିକାକରଣ ସେମାନଙ୍କ ମଧ୍ୟରୁ ସମୟର ବ୍ୟବଧାନ ଅନୁସାରେ ଏବେ ସୁଦ୍ଧା ୩୯ ହଜାର ୧୭୬ ଜଣଙ୍କୁ ଦିଆଯାଇଛି, ଯାହାକି ଦ୍ୱିତୀୟ ଡୋଜ୍ ମାତ୍ର ୪୬ ପ୍ରତିଶ୍ରତ ଲୋକ ନେଇପାରିଛନ୍ତି। ଏହା ଜିଲାର ସବୁଠାରୁ କମ୍ ସଂଖ୍ୟକ ଲୋକ, ଉକ୍ତ ବ୍ଲକ ଅଞ୍ଚଳରେ ଦ୍ୱିତୀୟ ଡୋଜ ନେଇଛନ୍ତି। ସେହିପରି ୧୫ରୁ ୧୭ ବର୍ଷଙ୍କ ମଧ୍ୟରୁ ମୋଟ ୬ ହଜାର ୧୯୯ ଜଣଙ୍କୁ ଏହି ଟିକାକରଣ ବ୍ୟବସ୍ଥା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମ ଡୋଜ୍ ମାତ୍ର ୨ ହଜାର ୨୨୧ ଜଣଙ୍କୁ ଦିଆସରିଛି ଏବଂ ଦ୍ୱିତୀୟ ଡୋଜ ମାତ୍ର ୩୫ ଜଣଙ୍କୁ ଦିଆଯାଇଥିବା ରିପୋର୍ଟରୁ ଜଣାପଡ଼ିଛି । ଏହା ମୋଟାମୋଟି ମାତ୍ର ୩୬ ପ୍ରତିଶତଙ୍କୁ ଟିକାକରଣ କରାଯାଇଛି, ଯାହାକି ଏବେ ଉଦ୍‌ବେଗଜନକ ଚିନ୍ତା ରହିଛି । ଏହି ଟିକାକରଣକୁ ବ୍ୟାପକ ସଚେତନ କରାଗଲେ ୧୫ରୁ ୧୭ ବର୍ଷଙ୍କୁ ଦିଆଯାଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ କୁହାଯାଉଛି । ତେବେ ଏନେଇ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି, ଜିଲାର ସର୍ଭେ ରିପୋର୍ଟ ଅନୁସାରେ ୧୫ରୁ ୧୭ ବର୍ଷଙ୍କ ସଂଖ୍ୟା ଯାହା ରହିଛି, ତା'ଠାରୁ କମ୍ ସେହି ବୟସର ରହିଥିବା ଦାରିଙ୍ଗବାଡ଼ି ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗର ରିପୋର୍ଟ ଅନୁସାରେ ମାତ୍ର ୪ ହଜାର ୫୬୦ ଜଣ ରହିଛନ୍ତି । ଯଦି ଏହି ରିପୋର୍ଟ ଅନୁସାରେ ଦେଖାଯାଏ, ତେବେ ପ୍ରଥମ ଡୋଜ ପ୍ରାୟ ୫୦ ପ୍ରତିଶତ ନେଇସାରିଥିବା ସେ କହିଛନ୍ତି । ଟିକାକରଣ ବିଳମ୍ବର ପ୍ରଶ୍ନରେ ସେ କହିଛନ୍ତି ଯେ, ବିଦ୍ୟାଳୟଗୁଡ଼ିକ ଛୁଟି କାରଣରୁ ବିଭିନ୍ନ ସ୍ଥାନରେ ଏହି ଟିକାକରଣର ବ୍ୟବସ୍ଥା କରାଯାଇ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଦ୍ୱାରା ଖବର ଦିଆଯାଇଥିଲେ ସୁଦ୍ଧା ବହୁ ପିଲା ଆସି ଟିକାକରଣ କରିନାହାନ୍ତି। ତେଣୁ ବିଦ୍ୟାଳୟ ଖୋଲିବା ପରେ ଏହି ଟିକାକରଣକୁ ତ୍ୱରାନ୍ୱିତ କରାଯିବ। ସେମାନେ ଟିକାକେନ୍ଦ୍ରକୁ ଆସି ଟିକା ନେଇପାରିବେ ବୋଲି ଡାକ୍ତର ସାମନ୍ତରାୟ କହିଛନ୍ତି । ସୂଚନାଯୋଗ୍ୟ, ଏବେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରହିଥିବାବେଳେ ସେଠାରେ ନିୟୋଜିତ ହେବାକୁ ରହିଥିବା ସମସ୍ତ ସରକାରୀ କର୍ମଚାରୀଙ୍କୁ ବୁଷ୍ଟର ଡୋଜ ଟିକାକରଣ କରାଯାଉଛି।

## ପ୍ରଚାର ମଙ୍ଗ ଧରିଛନ୍ତି ଛତ୍ରପୁର ବିଧାୟକ

**ଛତ୍ରପୁର,୫।୨(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ଆଧାର କରି ଛତ୍ରପୁର ବ୍ଲକ ୨୦ ନଂ. ଜୋନରେ ବିଧାୟକ ସୁବାସ ଚନ୍ଦ୍ର ବେହେରା ପ୍ରଚାର ମଙ୍ଗ ଧରିଛନ୍ତି। ୨୦ନଂ. ଜୋନ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ଗ୍ରାମ ପଞ୍ଚାୟତରେ ଜିଲା ପରିଷଦ ସଭ୍ୟ ପାଇଁ ବିଜେଡି ପ୍ରାର୍ଥୀ ତଥା ଛତ୍ରପୁର ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀଙ୍କ ପାଇଁ ପ୍ରଚାର ହୋଇଛି। ପୂର୍ବତନ ଛତ୍ରପୁର ଏନ୍‌ଏସି ଅଧକ୍ଷା ଜି. ଆରତି, କେ. କ୍ରାନ୍ତି, ଟି. ଧନଲକ୍ଷ୍ମୀ, ୨୦ ନଂ. ଜୋନ ଦାୟିତ୍ୱରେ ଥିବା ପ୍ରଭାରୀ ତଥା ପୂର୍ବତନ ଏମ୍‌ପି ପ୍ରତିନିଧି ଜି. ପାପା ରାଓ, ଯୁବ ବିଜେଡି ସଭାପତି ଟି. ଚନ୍ଦ୍ରଶେଖର ରାଓ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ଘର ଘର ବୁଲି ପ୍ରଚାର କରିଥିଲେ।

